# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**17 July – 2025**

---

---

# କ୍ୟାବିନେଟ୍ ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ୧୩ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି ସମୃଦ୍ଧ ସହର ଯୋଜନାକୁ ସଫଳ କରିବା ପାଇଁ ୪ହଜାର ୮ଶହ ଅଣାଅଶୀ କୋଟି ୩୦ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ଏହା ମାଧ୍ୟମରେ ଯୋଜନାବଦ୍ଧ ସହରୀକରଣ ଏବଂ ଆଞ୍ଚଳିକ ବିକାଶକୁ ପ୍ରୋତ୍ସାହନ ଦିଆଯିବ । ସେହିଭଳି ସହରଗୁଡ଼ିକୁ ବିକାଶ କେନ୍ଦ୍ର ଭାବେ ଗଢ଼ିତୋଳିବା ପାଇଁ ୭ଶହ ୬୫କୋଟି ୩୦ଲକ୍ଷ ଟଙ୍କା ନିବେଶ କରାଯିବ । ଶ୍ରୀ ଆହୁଜା କହିଛନ୍ତି ଜରୁରୀକାଳୀନ ପ୍ରଶମନ ସହାୟତା ବ୍ୟବସ୍ଥା ଡାଏଲ ୧୧୨କୁ ତ୍ୱରାନ୍ୱିତ କରିବା ପାଇଁ ୨୦୨୫-୨୬ ଆର୍ଥିକ ବର୍ଷରୁ ୨୦୨୯-୩୦ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୨ହଜାର ୨୬୦ କୋଟି ଅଣାନବେ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ଏହି ଯୋଜନାରେ ୪ହଜାର ୧୯୫ଟି ନୂତନ ପଦବୀ ସୃଷ୍ଟି କରାଯିବ । କ୍ୟାବିନେଟ୍‌ରେ ବିଶ୍ୱବବିଦ୍ୟାଳୟ କୁଳପତି ନିଯୁକ୍ତି କ୍ଷେତ୍ରରେ କୁଳାଧିପତିଙ୍କ କ୍ଷମତାକୁ ବୃଦ୍ଧି ପାଇଁ ନିଷ୍ପତ୍ତି ହୋଇଛି । ଏହା ଅନୁଯାୟୀ କୌଣସି ବିଶ୍ୱବିଦ୍ୟାଳୟରେ ନିୟମିତ କୁଳପତି ନିଯୁକ୍ତି ହେବା ପର୍ଯ୍ୟନ୍ତ

କୁଳାଧିପତି ଜଣେ ବ୍ୟକ୍ତିଙ୍କୁ କୁଳପତି ଭାବେ ଅବସ୍ଥାପିତ କରିବା ଦିଗରେ କ୍ଷମତା ପ୍ରଦାନ କରାଯାଇଛି ।

**V/O**

ଓଡ଼ିଶା ରାଜସ୍ୱ ସେବା ଓଆର୍ଏସ୍ କ୍ୟାଡରକୁ ଅଧିକ ସଶକ୍ତ ଓ ଦକ୍ଷ କରିବା ଲାଗି ଓଆର୍ଏସ୍ ନିଯୁକ୍ତି ନିୟମ ୨୦୧୧ରେ ରାଜ୍ୟ ସରକାର ସଂଶୋଧନ ଆଣିଛନ୍ତି । ଏଥିରେ ନିଯୁକ୍ତି ପ୍ରକ୍ରିୟାରୁ ଚୟନ ପ୍ରକ୍ରିୟାକୁ ବାଦ୍ ଦିଆଯାଇଛି । କ୍ୟାବିନେଟ୍‌ରେ ଓଡ଼ିଶା ସେମି କଣ୍ଡକ୍ଟର ଉତ୍ପାଦନ ଓ ଫାବ୍‌ଲେସ୍ ନୀତି ୨୦୨୩ର ଦ୍ୱିତୀୟ ସଂଶୋଧନକୁ ମଧ୍ୟ ଅନୁମତି ମିଳିଛି । ସେହିପରି ମୟୂରଭଞ୍ଜ ପୁଲିସ ଜିଲ୍ଲାକୁ ବିଭକ୍ତ କରି ରାଇରଙ୍ଗପୁରରେ ଏକ ନୂତନ ପୁଲିସ ଜିଲ୍ଲା ସୃଷ୍ଟି, ଆୟୁଷ ସହାୟକ କ୍ୟାଡରର ପୁର୍ନଗଠନ ଏବଂ ଓଡ଼ିଶା କାରଖାନା ଓ ବାଷ୍ପିତ୍ର ନିରୀକ୍ଷଣ ସେବା ନିୟମାବଳୀ ସଂଶୋଧନ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । କ୍ୟାବିନେଟ୍‌ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ନିମନ୍ତେ ଛାତ୍ରାବାସ ଫି' ଛାଡ ପାଇଁ ମଧ୍ୟ ନିଷ୍ପତ୍ତି ହୋଇଥିବା ଶ୍ରୀ ଆହୁଜା ସୂଚନା ଦେଇଛନ୍ତି ।

**V/O**

# ଏଫ୍ଏମ୍ କଲେଜ-କ୍ରାଇମବ୍ରାଞ୍ଚ ତଦନ୍ତ

ବାଲେଶ୍ୱର ଏଫ୍ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ଆଇଜି ଏସ୍ ସାଇନିଙ୍କ ତତ୍ତ୍ୱାବଧାନରେ ତଦନ୍ତ

କରାଯିବ । ଏହି ଘଟଣାରେ ଆଜି ବିରୋଧୀଦଳ ଗୁଡ଼ିକ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି । ତେବେ ବନ୍ଦ ସମୟରେ ଅତ୍ୟାବଶ୍ୟକ ସେବାଗୁଡ଼ିକ ବାଦ୍ ଦିଆଯାଇଛି ।

# ସ୍ୱଚ୍ଛ ସର୍ବେକ୍ଷଣ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ପ୍ରଦାନ କରିବେ। କାର୍ଯ୍ୟକ୍ରମରେ ସ୍ୱଚ୍ଛ ଭାରତ ମିଶନ– ସହରାଞ୍ଚଳକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ  ସ୍ୱଚ୍ଛ ସହରଗୁଡ଼ିକୁ ସମ୍ମାନିତ କରାଯିବ।  ଚାରୋଟି ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯିବ। ସ୍ୱଚ୍ଛ ଭାରତ ମିଶନ ଅଧୀନରେ ସର୍ବଭାରତୀୟ ସ୍ତରରେ ସ୍ୱଚ୍ଛ ସହର ରୂପେ ଗଞ୍ଜାମ ଜିଲ୍ଲାର ଆସକା ଓ ଚିକିଟି ଏନ୍ଏସି ଏବଂ ମିନିଷ୍ଟ୍ରିଆଲ ପୁରସ୍କାର ବର୍ଗରେ ଭୁବନେଶ୍ୱର ମନୋନୀତ ହୋଇଛି ।

## ଉତ୍ତମ ପ୍ରଶାସନିକ ଅଭ୍ୟାସ

କେନ୍ଦ୍ର ସରକାରଙ୍କ ପ୍ରଶାସନିକ ସଂସ୍କାର ଏବଂ ସାଧାରଣ ଅଭିଯୋଗ ବିଭାଗ ଏବଂ ରାଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରରେ ଆଜିଠାରୁ ଦୁଇଦିନ ଧରି 'ଉତ୍ତମ ପ୍ରଶାସନିକ ଅଭ୍ୟାସ' ବିଷୟବସ୍ତୁ ଉପରେ ଜାତୀୟ ସମ୍ମିଳନୀର ଆୟୋଜନ ହେଉଛି । କେନ୍ଦ୍ର କାର୍ମିକ, ସାଧାରଣ ଅଭିଯୋଗ ଏବଂ ପେନ୍ସନ୍ ପ୍ରଶାସନ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମିଳିତଭାବେ ଏହି ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

# ସୁରମା ପାଢ଼ୀ–ଆଲୋଚନା

ଆସାମ ବିଧାନସଭାର ପବ୍ଲିକ ଅଣ୍ଡରଟେକିଂ କମିଟିର ସଦସ୍ୟମାନେ ଓଡ଼ିଶା ଗସ୍ତରେ ଆସି ବାଚସ୍ପତି ସୁରମା ପାଢ଼ୀଙ୍କ ସହ ବିଧାନସଭାର ବିଭିନ୍ନ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରିଛନ୍ତି । ଉଭୟ ରାଜ୍ୟରେ ପବ୍ଲିକ ଅଣ୍ଡରଟେକିଂ କମିଟି ଗ୍ରହଣ କରିଥିବା ଉଲ୍ଲେଖନୀୟ କାର୍ଯ୍ୟକୁ ଆପଣେଇବା ପାଇଁ ସଦସ୍ୟମାନେ ସହମତି ପ୍ରକାଶ କରିଛନ୍ତି ।

# ତାଲିମ କାର୍ଯ୍ୟକ୍ରମ

ସଡ଼କ ସୁରକ୍ଷା ସୁନିଶ୍ଚିତ କରିବାନେଇ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଆଇଆଇଟି ମାଡ୍ରାସର ମିଳିତ ଆନୁକୂଲ୍ୟରେ ଏକଦିବସୀୟ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୩୫ଜଣ ଦୁର୍ଘଟଣା ତଦନ୍ତ ଅଧିକାରୀ ଏଥିରେ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ ।

# ସମୀକ୍ଷା ବୈଠକ

ଗଞ୍ଜାମ ଜିଲ୍ଲା ରାଜସ୍ୱ ସମୀକ୍ଷା ବୈଠକରେ ବେଆଇନ୍ ମଦ କାରବାର, ସଡ଼କ ଦୁର୍ଘଟଣା, ଜମି ପଟ୍ଟା ସଂଶୋଧନ ଆଦି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଛି । ଯୋଗ୍ୟ ହିତାଧିକାରୀମାନଙ୍କୁ ପଟ୍ଟା ପ୍ରଦାନ ପାଇଁ ତହସିଲଦାରମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ବୈଠକ

ଖୋର୍ଦ୍ଧା ଜିଲ୍ଲା ଡାଏରିଆ, ଡେଙ୍ଗୁ ଏବଂ ମ୍ୟାଲେରିଆ ପ୍ରତିରୋଧ କମିଟି ପକ୍ଷରୁ ଅନୁଷ୍ଠିତ ବୈଠକରେ ୧୩ହଜାର ୭୧୮ଜଣ ରୋଗୀଙ୍କ ରକ୍ତନମୂନା ପରୀକ୍ଷା କରାଯାଇ ୧୭୦ଜଣ ଡେଙ୍ଗୁ ରୋଗୀ ଚିହ୍ନଟ କରାଯାଇଥିବା ସୁଚନା ଦିଆଯାଇଛି । ମ୍ୟାଲେରିଆ ଏବଂ ଡାଏରିଆ ନିରାକରରଣ ନିମନ୍ତେ ତ୍ୱରିତ ପଦକ୍ଷେପ ନେବାକୁ ବୈଠକରେ ଆଲୋଚନା ହୋଇଛି ।

## ବନକଲାଗି ନୀତି

ଶ୍ରାବଣ କୃଷ୍ଣ ସପ୍ତମୀ ତିଥିରେ ଆଜି ପୁରୀ ଶ୍ରୀମନ୍ଦିରର ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ସନ୍ଧ୍ୟା ସାଢ଼େ ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଫୁଟବଲ

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରସ୍ଥିତ ମହାତ୍ମା ଗାନ୍ଧୀ ଷ୍ଟାଡିୟମଠାରେ ସାହାଣୀକପ୍ ୨୦୨୫ ଫୁଟବଲ ଚାମ୍ପିୟନସିପ୍ ଉଦ୍‌ଘାଟିତ ହୋଇଛି । ଉଦ୍‌ଘାଟନୀ ମ୍ୟାଚ୍‌ରେ ଭୁବନେଶ୍ୱର ୩-୦ ଗୋଲ୍‌ରେ ନବରଙ୍ଗପୁରକୁ ପରାସ୍ତ କରିଥିବାବେଳେ ଗଞ୍ଜାମ ଓ ଗଜପତି ଜିଲ୍ଲା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଅମୀମାଂସୀତ ଭାବେ ଶେଷ ହୋଇଛି ।

# ପାଣିପାଗ

ରାଜ୍ୟରେ ବିଭିନ୍ନ ସ୍ଥାନରେ ଲଘୁଚାପର ପ୍ରଭାବରେ ବର୍ଷା ଜାରି ରହିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୨୩ଟି ଜିଲ୍ଲା ପାଇଁ ସତର୍କସୂଚନା ଜାରି କରାଯାଇଛି ।